# ତହସିଲ କାର୍ଯ୍ୟାଳୟ, ବାଲିଗୁଡା

ବିଜ୍ଞାପନ ସଂଖ୍ୟା...P5M0...... ତା...20-05-2018.........

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ,ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବାଲିଗୁଡା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡିକର OMMC Rules-2016 ମୁତାବକ ଆସନ୍ତା 5(ପାଞ୍ଚ) ବର୍ଷ/ମାଇନିଙ୍ଗ ପ୍ଲାନର ଅବଶିଷ୍ଟ ଅବଧି ନିମନ୍ତେ ଲିଜ୍ ପାଇଁ ତହସିଲଦାର,ବାଲିଗୁଡାଙ୍କ ଦ୍ୱାରା ଦରଖାସ୍ତଆହ୍ୱାନ କରାଯାଉଛି। ଇଛୁକ ବ୍ୟକ୍ତି ବିଶେଷ OMMC Rules-2016 ର (Form -M) ପୂରଣ କରି 3(ତିନି) କପି ସହ ଆବଶ୍ୟକୀୟ କାଗଜାତ ନକଲ ସଲଗ୍ନ କରି ସଇରାତ ଉତ୍ସଗୁଡିକର ନାମ ଜଉମୁଦଲଫାପା ଉପରେ ଲେଖି ଆବେଦନ କରିବେ,ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କର୍ଯ୍ୟାଳୟ ବାଲିଗୁଡା ସଦର ତହସିଲ ଅଫିସରେ ଥିବା Drop Box ରେ ତା......୩୦.୦୬.୨୦୧୮ ରିଖ ପୂର୍ବାହ୍ନ ..୫.୦୦..ଘଟିକା ମଧ୍ୟରେ ପଇଠ କରିପାରିବେ (ଛୁଟି ଦିନ ବ୍ୟତୀତ), କିମ୍ବା ରେଜିଷ୍ଟ୍ରି ପୋଷ୍ଟ /ସ୍ପୀଡ ପୋଷ୍ଟ ଯୋଗେ ତହସିଲଦାର,ବାଲିଗୁଡାଙ୍କ ଠିକଣାରେ ମଧ ପଠାଇ ପାରିବେ। ତା .୩୦.୦୬.୨୦୧୮ ରିଖ ଦିବା ..୫.୦୦.. ମି.ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ । ଯେଉଁ ସଇରାତ ଉତ୍ସଗୁଡିକ ପ୍ରଥମ ତାରିଖରେ ଚୁଡାନ୍ତ ହୋଇନପାରିବ ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟ ତାରିଖ ତା_୭.୦୭.୨୦୧୮ ରିଖ ଏବଂ ତୃତୀୟ ତାରିଖ ତା_୧୫.୦୭.୨୦୧୮ ରିଖ ଦିନ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକତନଖି କରାଯାଇ ଯୋଗ୍ୟ ଲୀଜଧାରୀ ଚୟନ କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ ଦରଖାସ୍ତଗୁଡିକୁ ବାତିଲ କରାଯିବ।

### ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

1. ଦରଖାସ୍ତ ପାଉଣା ବାବଦ ଟ ୧୦୦୦.୦୦ ଟଙ୍କା(ଅଣ ଫେରସ୍ତ) ର ଟ୍ରେଜେରୀ ଚାଲାଣ (Head of Account_0853-Non Ferrous Mining and Metallurgical Industries-102- mineral Concession Fees, Rents and Royalties) ।
2. ଦରଖାସ୍ତ କରୁଥିବା ସଇରାତ ବାବଦକୁ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର,ବାଲିଗୁଡାଙ୍କ ନାମରେ(Payable at Balliguda) ପ୍ରଦାନ କରିବେ।{EMD i.e 5% of [minimum guaranty quantity X (royalty + additional charge)]}.
3. ବିଜ୍ଞାପନରେ ପ୍ରକାଶିତ ପ୍ରସ୍ତାବିତ ସଇରାତ ଉତ୍ସର ନାମ ଲେଖି ଦରଖାସ୍ତ କରିବେ।
4. ସଇରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ପଇଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟପାଠ।
5. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate/ଅନ୍ୟୁନ୍ୟ ୧୮ ମାସ ପର୍ଯନ୍ତ କାଏମ ଥିବା ବ୍ୟାଙ୍କ ରେ ଯାହାକି ଦରଖାସ୍ତ କରୁଥିବା ସଇରାତ ଉତ୍ସର ବାର୍ଷିକ ମୂଲ୍ୟ [minimum guaranty quantity *(royalty + additional charge)] ଠାରୁ ଅଧିକ ହୋଇଥିବା ଆବଶ୍ୟକ ପ୍ରଦାନ କରିବା ସହ ସ୍ଥାବର ସମ୍ପତିର ପ୍ରମାଣପତ୍ର ଦାଖଲ କରିବେ।
6. ଦରଖାସ୍ତକାରୀ ବିଗତ ଆର୍ଥିକ ବର୍ଷର VAT Clearance Certificate ଓ Income Tax Return ଦାଖଲ କରିବେ।

# ବିଶେଷ ସର୍ତାବଳୀ

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ,OMMC Rules-2016 ଓ manual of Tahasil account ର ପରିସରଭୁକ୍ତ ରହିବେ।
2. ପ୍ରଚଳିତ ନିୟମ ଅନୁଯାୟୀ ରୟାଲିଟି ଓ ଅତିରିକ୍ତ ଦେୟ ର(additional charge) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲୀଜ ପ୍ରଦାନ ନିମନ୍ତେ ଚୟନ କରାଯିବ। ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ ଧାରୀ ଙ୍କୁ ଚୟନ କରାଯିବ ।
3. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ। ଲୀଜ ନେବାପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ କେଆଇଏମବିଏ କୌଣସି ପ୍ରାକୃତିକ ବିପର୍ଜୟ ପାଇଁ କର୍ତୃପକ୍ଷ ଦାୟୀ ରହିବେ ନାହି।
4. ଲୀଜ ସୂତ୍ରରେ ନେବାକୁ ଇଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ଵାରା ଧାର୍ଯ୍ୟ ରୟାଲିଟୀ ଓ ଅତିରିକ୍ତ ଦେୟର (ADDITIONAL CHARGE) ମୂଲ୍ୟଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବନାହିଁ ଦରଖାସ୍ତଟି ନାକଚ ହେବ। ସରକାରଙ୍କ ଦ୍ଵାରା ଧାର୍ଯ୍ୟ ଅନ୍ୟୁନ ରୟାଲିଟି ହାର 1 cum ପ୍ରତି ବାଲି ଟ_୩୫/-____ ଓ ପଥର ଟ_୧୩୦/-_ଓ 1 cum ପ୍ରତି ଅତିରିକ୍ତ ଦେୟବାଲି ପାଇଁ ଟ__୩୭/- ଓ ପଥର ପାଇଁ ଟ_୧୩୭/-
5. ଯୋଗ୍ୟ ବିବେଚିତ ଲୀଜଧାରୀଙ୍କୁ ପ୍ରାଧିକୃତ ଅଧିକାରୀ ଦ୍ଵାରା ନିଲାମ ତାରିଖର ସାତଦିନ ମଧ୍ୟରେ ଫର୍ମ F ମାଧ୍ୟମରେ ଚୟନ ଓ ସର୍ତାବଳୀ ବିଷୟରେ ସୂଚିତ କରାଯିବ। (OMMC Rules-2016 chapter-IV ରୁଲ ନମ୍ବର 27(7))
6. ଲୀଜ ନିମନ୍ତେ ଅନୁଯାୟୀ ଯୋଗ୍ୟ ଦରଖାସ୍ତକାରୀ ସଇରାତ ଉତ୍ସର ବାର୍ଷିକ ଦେୟ{Minimum guaranteed quantity* (Royalty + Additional Charge)} ର ଏକଚତୁର୍ଥାଂଶ ତଥା ଜିଲ୍ଲା ମିନାରାଲ ଫାଉଣ୍ଡେଶନ ନିମନ୍ତେ ପ୍ରଦାନ ହେବାକୁ ଥିବା ରାଶି ଓ ପରିବେଶ ପ୍ରବନ୍ଧନ ପାଣ୍ଠି ନିମନ୍ତେ ପ୍ରଦାନ ହେବାକୁ ଥିବା ରାଶି ବାବଦରେ ନେବାକୁ ଥିବା ସମସ୍ତ ଦେୟ ମଧ୍ୟରୁ ନିଲାମ ନିମନ୍ତେ ଦରଖାସ୍ତ ଦେବା' ସମୟରେ ଦେଇଥିବା ଅମାନତ' ଜମା(Earnest Money) କୁ ବାଦ ଦେଇ ବଳକା ରାଶିକୁ ସୁଧବିହୀନ ଅମାନତ ରାଶି ହିସାବରେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଚୟନ ନିମନ୍ତେ' ସୂଚନା ପ୍ରାପ୍ତି ର ୧୫ ଦିନ ମଧ୍ୟ ରେ ଦାଖଲ କରିବେ। (OMMC Rules-2016 chapter-IV ରୁଲ ନମ୍ବର 27(7))
7. ଲିଜଧାରୀ ଧାର୍ଯ୍ୟ ସମୟସୀମା ମଧ୍ୟରେ Mining Plan ( In FORM-ZB) ଓ Environment Clearance ବାବଦକୁ ହୋଇଥିବା ଖର୍ଚ ଦାଖଲ କରିବେ ଓ ଏହା ଅଣଫେରସ୍ତ ଯୋଗ୍ୟ (Non-refundable) ହେବ ।
8. ଯଦି ଯୋଗ୍ୟ ବିବେଚିତ ଲିଜଧାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନକରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

9. ଯଦି ସର୍ବାଧିକ ରୟାଲିଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳିରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲିଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନୁୟରେ ସୁଯୋଗ ଦିଆଯିବ । [ See OMMC, 2017 Rile 2/ (9 , 10 & 11 ) ]

10. ଯୋଗ୍ୟ ବିବେଚିତ ଲିଜଧାରୀ ଚୟନ ସୂଚନା ପ୍ରାପ୍ତିର 3 ସପ୍ତାହ ମଧ୍ୟରେ Form- N ଦ୍ୱାରା Registration ଆକ୍ଟ, 1908 ଓ Stamp Act, 1899 ଅନୁଯାୟୀ ଖଣିଲିଜ ସମ୍ପାଦନ କରିବେ ।

11. ଯୋଗ୍ୟ ବିବେଚିତ ଲିଜଧାରୀ ସରକାର ଧାର୍ଯ୍ୟ ଦର ଅନୁଯାୟୀ District Mineral Foundation , Environment Management Fund, Compensatory Alorestation Fee, Surlance Rent, Dead Rent ଲିଜ ସମ୍ପାଦନ ପୂର୍ବରୁ ଓ ପ୍ରତି ଆର୍ଥିକ ବର୍ଷ ପୂର୍ବରୁ ପଇଠ କରିବେ ।

12. ଆବଶ୍ୟାକ ସ୍ଥଳେ ନିୟମ ଅନୁଯାୟୀ Security ବାବଦ ଜମାରାଶିକୁ ବ୍ୟଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧୀକାରିଙ୍କର ଅଛି ।

13. ସର୍ବୋଚ ନିଲାମଧାରୀ ମୂଲ୍ୟର ଶତକଡା 2 (2%) ( PAN CARD ଥାଏ ) TDS ବାବଦକୁ ଜମା କରିବେ ନଚେତ ଶତକଡା 20 (20%) TDS ବାବଦକୁ ଜମା କରିବାକୁ ପଡିବ ।

14. ନିଲାମଧାରୀମାନେ OMMC Rules- 2016 ର ସମସ୍ତ ସର୍ତ୍ତାବଳି ନିମନ୍ତେ ବାଧ୍ୟ ହେବେ ।

15. ଲିଜ ଅବଧି ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟ ରୟାଲିଟି ଦରର ଅଭିବୃଦ୍ଧି ହେଲେ ଓ ସମ୍ପୃକ୍ତ ଲିଜ ଧାରୀ ମୂଲ୍ୟାଙ୍କ କରିଥିବା ରୟାଲିଟି ଠାରୁ ଅଧିକ ହୋଇଥାଏ ତା ହେଲେ ଲିଜ ଧାରୀ ବର୍ଦ୍ଧିତ ହାରରେ ଦାଖଲ କରିବେ ।

## ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ

ପ୍ରଥମ ନିର୍ଦ୍ଧାରିତ ତାରିଖ ରେ ଯଥା, ତା ୩୦.୦୬.୨୦୧୮ ରିଖରେ ସଇରାତ ଉତ୍ସ ଗୁଡିକ ନିଲାମ ହୋଇ ନ ପାରିଲେ ଦ୍ୱିତୀୟ ଥର ତା ୭.୦୭.୨୦୧୮ _ ରିଖ ଓ ତୃତୀୟ ଥର ତା ୧୫.୦୭.୨୦୧୮ ରିଖ ରେ ନିଲାମ କରାଯିବ। ଦ୍ୱିତୀୟ ଓ ତୃତୀୟ ଥର ନିଲାମ ନିମନ୍ତେ ଦରଖାସ୍ତ ତାର ପୂର୍ବ ଦିନ ଅପରାହ୍ନ _୫.୦୦_ ଟା ପର୍ଯ୍ୟନ୍ତ ଗ୍ରହଣ କରାଯିବ। ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ରେ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳି ପାରିବ।

ଯଦି ଏହି ବିଜ୍ଞାପନ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ବାକ୍ଷରକାରିଙ୍କର ରହିଛି।

ପ୍ରୀତାଞ୍ଜଳି ସାହୁ
ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ,
୨୯.୦୫.୧୮
ବାଳିଗୁଡା

ଜ୍ଞାପକ ସଂଖ୍ୟା PSMP / ତା: ୨୦.୦୫.୨୦୧୮

ଏହାର ଏକାକିତା ନକଲ ଜିଲ୍ଲାପାଳ, କନ୍ଧମାଳ/ ଉପ-ଜିଲ୍ଲାପାଳ, ବାଲିଗୁଡା/ କମିଶନର, ମ୍ୟୁନିସିପାଲ କର୍ପୋରେଶନ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲିଗୁଡା/ ସମସ୍ତ ରାଜସ୍ୱ ନିରିକ୍ଷକ ଅବଗତି ତଥା କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକାକିତା ନକଲ ବାଲିଗୁଡା ତହସିଲ କାର୍ଯ୍ୟାଳଯ, ଅଫିସ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ ପାଇଁ ନାଜିରଙ୍କୁ ପ୍ରେରଣ କରାଗଲା।

ପ୍ରୀତାଞ୍ଜଳି ସାହୁ
ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ,
ବାଲିଗୁଡା

୨୯.୦୫.୧୮

## ତହସିଲ ବାଲିଗୁଡା ଅଧୀନରେ ଥିବା ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ର ନ . | ସୈରାତ | ମୌଜାର | ସୈରାତ ବିବରଣୀ | | | | | ସର୍ବନିମାନ ରୟାଲଟି (ଟଙ୍କାରେ) (per cum.Mt.) | ବର୍ଷକ ପାଇଁ ସର୍ବନିମ୍ନ ଗ୍ୟାରେନଟୀ ପରିମାଣ (ଘନ ମିଟର ରେ ) |
|---|---|---|---|---|---|---|---|---|---|
| | | | ଖାତା ନ. | ପ୍ଲଟ ନ. | କିସମ | ରକବା (ହେକ୍ଟୋରରେ) | ଲଘୁ ଖଣିଜର ନାମ | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧ | ଖମଣଖୋଲ- ଖ ପଥର ଖାଦାନ | ଖମଣଖୋଲ | ୮୧ | ୫୨୮ | ପଥର ବଣି | ୨.୬୭୫ | ପଥର | ୧୩୦.୦୦ | ୧୨୦୦ |
| ୨ | ଖଇରବାଡି ବାଲିଘାଟ | ଖଇରବାଡି | ୨୭ | ୨୦ | ନଦୀ (ଖଡଗ ନଦୀ) | ୬.୮୦୦ (out of ୧୦.୮୦୦) | ବାଲି | ୩୫.୦୦ | ୧୦୦୦ |
| ୩ | ଖମଣଖୋଲ ବାଲିଘାଟ | ଖମଣଖୋଲ | ୮୧ | ୩୧ | ନଦୀ (ଖଡଗ ନଦୀ) | 6.624 | ବାଲି | ୩୫.୦୦ | ୫୦୦୦ |
| ୪ | ଖମଣଖୋଲ- କ ପଥର ଖାଦାନ | ଖମଣଖୋଲ | ୮୧ | ୪୨ | ପଥର ବଣି | ୦.୬୮୫ | ପଥର | ୧୩୦.୦୦ | ୧୨୦୦ |
| ୫ | ବିରାଗୁଡା ବାଲିଘାଟ | ବିରାଗୁଡା | ୪୭ | ୩୯୪<br>୪୩୨ | ନାଳ<br>ନାଳ | ୩.୭୪୮<br>୧.୫୩୫ | ବାଲି<br>ବାଲି | ୩୫.00 | ୧୦୦୦ |
| ୬ | ଗଞ୍ଜୁପଡି ବାଲିଘାଟ | ଗଞ୍ଜୁପଡି | ୪୫ | ୧୩୫<br>୨୦୭ | ନଦୀ<br>ନଦୀ | ୩.୪୪୦<br>୧.୯୪୦ | ବାଲି<br>ବାଲି | ୩୫.୦୦ | ୫୦୦୦ |

| | | | | | | | | | |
|---|---|---|---|---|---|---|---|---|---|
| ୭ | ସିନ୍ଦ୍ରିଗାଁ<br>ବାଲିଘାଟ | ସିନ୍ଦ୍ରିଗାଁ | ୨୦୭ | ୧୩୨୬ | ନଦୀ | ୮.୩୨୦ | ବାଲି | ୩୫.୦୦ | ୩୦୦୦ |

-ତହସିଲଦାର , ବାଲିଗୁଡା